# NATIONAL NEWS BULLETIN (ODIA)

**9 December - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଲାଞ୍ଚ ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ସଂସଦର ଉଭୟ ଗୃହ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ।
- ଚଳିତ ଶତାବ୍ଦୀ ସୂଚନା ଓ ବୈଷୟିକ ଜ୍ଞାନକୌଶଳର ଶତାବ୍ଦୀ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ।
- ରାହୁଲ ନରଭେକର୍ ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ନିର୍ବାଚିତ ।
- ଭାରତ ବାଂଲାଦେଶ ବୈଦେଶିକ କାର୍ଯ୍ୟାଳୟସ୍ତରୀୟ ବୈଠକ ଲାଗି ବାଂଲାଦେଶରେ ପହଞ୍ଚିଲେ ବୈଦେଶିକ ସଚିବ ।

ଏବଂ

- ମହିଳା କନିଷ୍ଠ ଏସିଆ କପ୍ ହକିରେ ଆଜି ଭାରତ ମାଲେସିଆ ମଧ୍ୟରେ ମୁକାବିଲା ।

# ସଂସଦ

ବିଭିନ୍ନ ପ୍ରସଙ୍ଗରେ ହଟ୍ଟଗୋଳ ଯୋଗୁଁ ଆଜି ସଂସଦର ଉଭୟ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଆଜି ପୂର୍ବାହ୍ନରେ ଲୋକସଭାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ କଂଗ୍ରେସ, ଡିଏମ୍‌କେ ଏବଂ ଅନ୍ୟାନ୍ୟ ଦଳ ପକ୍ଷରୁ ଦେଶର ଜନୈକ ବିଶିଷ୍ଟ ଶିଳ୍ପପତିଙ୍କ ବିରୁଦ୍ଧରେ ଆମେରିକାରେ ଅଣାଯାଇଥିବା ଲାଞ୍ଚ ମାମଲା ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ହଟ୍ଟଗୋଳ କରାଯାଇଥିଲା। ବାଚସ୍ପତି ଓମ୍ ବିର୍ଲା ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନୋତ୍ତର କାଳରେ ଅନ୍ୟାନ୍ୟ ପ୍ରସଙ୍ଗ ଉଠାଯାଇପାରିବ ନାହିଁ ବୋଲି କହିଥିଲେ। ହଟ୍ଟଗୋଳକାରୀ ସଦସ୍ୟମାନଙ୍କୁ ସେ ଗୃହକାର୍ଯ୍ୟ ସୁରୁଖୁରୁରେ କରାଇବା ପାଇଁ ଆହ୍ୱାନ କରିଥିଲେ। ତେବେ ହଟ୍ଟଗୋଳ ଜାରି ରହିବାରୁ ସେ ଗୃହକୁ ପୂର୍ବାହ୍ନ ୧୨ଟା ଯାଏଁ ମୁଲତବୀ ଘୋଷଣା କରିଥିଲେ। ଗୃହକାର୍ଯ୍ୟ ପୁନର୍ବାର ଆରମ୍ଭ ହେବାପରେ ସମାନ ପରିସ୍ଥିତି ଜାରି ରହିଥିଲା। କଂଗ୍ରେସ ଦଳର ସାଂସଦମାନେ ଗୃହର ମଧ୍ୟଭାଗକୁ ଆସି ନାରାବାଜି କରିଥିଲେ। ବାଚସ୍ପତି ଗୃହକାର୍ଯ୍ୟ ଆରମ୍ଭ କରିବା ପାଇଁ ସଦସ୍ୟମାନଙ୍କୁ ନିବେଦନ କରିଥିଲେ ମଧ୍ୟ ଏହା ସଫଳ ହୋଇନଥିଲା। ପୁଣିଥରେ ବାଚସ୍ପତି ଗୃହକୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ।

ରାଜ୍ୟସଭାରେ ଆଜି ପୂର୍ବାହ୍ନରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଅଧ୍ୟକ୍ଷ ଜଗଦୀପ୍ ଧନକଡ଼ ବିଭିନ୍ନ ପ୍ରସଙ୍ଗରେ ଶାସକ ଓ ବିରୋଧି ଦଳ ପକ୍ଷରୁ ଅଣାଯାଇଥିବା ମୁଲତବୀ ପ୍ରସ୍ତାବକୁ ଅଗ୍ରାହ୍ୟ କରିଦେଇଥିଲେ। ଗୃହକାର୍ଯ୍ୟ ଜାରି ରଖିବାକୁ ସେ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ।

ରାଜ୍ୟସଭା ନେତା ଜେ.ପି. ନଡ୍ଡା ପ୍ରଶ୍ନୋତ୍ତର କାଳରେ ଆଲୋଚନା କରାଯାଉ ବୋଲି ସରକାରୀ ଦଳ ଚାହୁଁଥିଲେ ମଧ୍ୟ ବିରୋଧି ଦଳଗୁଡ଼ିକ ଏହା କରାଇ ଦେଉନଥିବା ଅଭିଯୋଗ କରିଥିଲେ। ସଂସଦୀୟ ବ୍ୟାପାର ମନ୍ତ୍ରୀ କିରନ୍ ରିଜ୍‌ଜୁ' ବିରୋଧୀ ଦଳ ନିଜ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗୃହ ଚଳାଇ ଦେଉନଥିବା ଅଭିଯୋଗ କରିଥିଲେ। ଅନ୍ୟପକ୍ଷରେ ବିରୋଧି ଦଳ ନେତା ମଲ୍ଲିକାର୍ଜୁନ ଖଡ଼ଗେ ସରକାରୀ ଦଳ ଗୃହରେ ଆଲୋଚନା ନ କରାଇବାକୁ ନିଷ୍ପତ୍ତି ନେଇଥିବା ଅଭିଯୋଗ କରିଥିଲେ। ଅଧ୍ୟକ୍ଷ ଗୃହକାର୍ଯ୍ୟ ସୁଚାରୁରୂପେ ପରିଚାଳନା କରିବାରେ ଅସମର୍ଥ ହେବାରୁ ଗୃହକୁ ଦିନ ୧୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ। ପରେ ପୁଣି ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ଉଭୟ ଶାସକ ଓ ବିରୋଧୀ ଦଳ ମଧ୍ୟରେ କଥା କଟାକଟି ହୋଇଥିଲା। ହଟ୍ଟଗୋଳ ଜାରି ରହିବାରୁ ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନକଡ଼ ଅପରାହ୍ନ ୨ଟା ପର୍ଯ୍ୟନ୍ତ ମୁଲତବୀ ରଖିଥିଲେ।

## ଜାଗ୍ରତ ରାଜସ୍ଥାନ ବିଶ୍ୱସମ୍ମିଳନୀ-୨୦୨୪

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଜୟପୁରରେ "ଜାଗ୍ରତ ରାଜସ୍ଥାନ ବିଶ୍ୱସମ୍ମିଳନୀ-୨୦୨୪"ର ଉଦ୍‌ଘାଟନ କରିଛନ୍ତି। ଜୟପୁରର ପ୍ରଦର୍ଶନୀ ଓ କନ୍‌ଭେନ୍‌ସନ୍ ସେଣ୍ଟରରେ ଆୟୋଜିତ ୩ ଦିନିଆ ସମ୍ମିଳନୀକୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ବିକାଶର ତିନୋଟି ମନ୍ତ୍ର "ରିଫର୍ମ, ପରଫର୍ମ ଓ ଟ୍ରାନ୍ସଫର୍ମ"କୁ ଦୋହରାଇଛନ୍ତି। ଭାରତରେ ପୁଞ୍ଜିନିବେଶ କରିବା ପାଇଁ ବିଶ୍ୱର ଶିଳ୍ପ ବିଶେଷଜ୍ଞ ଓ ପୁଞ୍ଜିପତିମାନେ ଅତ୍ୟନ୍ତ ଉତ୍ସାହିତ ଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଚଳିତ ଶତାବ୍ଦୀ ବୈଷୟିକ ଜ୍ଞାନକୌଶଳ ଓ ତଥ୍ୟର ଶତାବ୍ଦୀ ବୋଲି ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ

ଭାରତ ଏହାର ନେତୃତ୍ୱ ନେଉଥିବା କହିଛନ୍ତି । ରାଜସ୍ଥାନ କେବଳ ବିକଶିତ ହେଉନାହିଁ ଏହା ସମସ୍ତଙ୍କର ବିଶ୍ୱାସଭାଜନ ହୋଇପାରିଛି । ରାଜସ୍ଥାନ ସବୁବେଳେ ଶିଖିବା ଓ ରୂପାନ୍ତରିତ ହେବାପାଇଁ ତତ୍ପର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ସମ୍ମିଳନୀରେ ୩୨ଟି ଦେଶର ପ୍ରତିନିଧି ଏବଂ ୧୭ଟି ସହଯୋଗୀ ରାଷ୍ଟ୍ର ଯୋଗ ଦେଇଛନ୍ତି । ରାଜସ୍ଥାନରେ ପୁଞ୍ଜିନିବେଶ ଓ ଶିଳ୍ପକୁ ପ୍ରୋତ୍ସାହନ ଦେବା ସହିତ ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ଏହି ସମ୍ମିଳନୀ ଆୟୋଜନର ମୁଖ୍ୟ ଉଦ୍ଦେଶ୍ୟ । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଭଜନଲାଲ୍‌ଙ୍କ ସମେତ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟ ଯୋଗଦେଇଛନ୍ତି ।

ସମ୍ମିଳନୀର ଦ୍ୱିତୀୟ ଦିନରେ ଆସନ୍ତାକାଲି ପ୍ରବାସୀ ରାଜସ୍ଥାନ ସମାରୋହ ଏବଂ ଉଦ୍‌ଯାପନୀ ଦିବସରେ ଏମ୍‌ଏସ୍‌ଏମ୍‌ଇ ସମାରୋହ ଅନୁଷ୍ଠିତ ହେବ ।

# ମହାରାଷ୍ଟ୍ର ବିଧାନସଭା ବାଚସ୍ପତି

ମହାରାଷ୍ଟ୍ର ବିଧାନସଭାର ବାଚସ୍ପତି ଭାବେ ବିଜେପି ନେତା ରାହୁଲ ନରଭେକର ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଛନ୍ତି । ବାଚସ୍ପତି ପଦ ପାଇଁ ଶ୍ରୀ ନରଭେକରଙ୍କ ନାମ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍, ଉପ-ମୁଖ୍ୟମନ୍ତ୍ରୀ ଅଜିତ ପାୱାର ଓ ଏକନାଥ ସିନ୍ଧେ ମିଳିତ ଭାବେ ପ୍ରସ୍ତାବ ଦେଇଥିଲେ । ଏହାପରେ କାମଚଳା ବାଚସ୍ପତି କାଳିଦାସ କୋଲାମ୍ବକର ବିଧାନସଭାର ବାଚସ୍ପତି ଭାବେ ଶ୍ରୀ ନରଭେକରଙ୍କ ନାମ ଘୋଷଣା କରିଥିଲେ । ବାଚସ୍ପତି ନିର୍ବାଚିତ ହେବାପରେ ଶ୍ରୀ ନରଭେକରଙ୍କୁ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ଼ନାବିସ୍ ଶୁଭେଚ୍ଛା ଜଣାଇଥିଲେ । ଶ୍ରୀ

ନରଭେକର ଗୃହର ମର୍ଯ୍ୟାଦା ରକ୍ଷା କରିବା ସହ ଗୃହକାର୍ଯ୍ୟ ନିରପେକ୍ଷ ଭାବରେ ସୁପରିଚାଳନା କରିବା ନେଇ ଶ୍ରୀ ଫଡ଼ନାବିସ୍ ଆଶାବ୍ୟକ୍ତ କରିଛନ୍ତି। ଉପ-ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଧେ ଏବଂ ଅଜିତ୍ ପାଓ୍ୱାରଙ୍କ ସମେତ କଂଗ୍ରେସ ନେତା ନାନା ପାଟୋଲେ, ବିଜୟ ଓ୍ୱାଡେଟିଓ୍ୱାର, ଏନ୍‌ସିପି ସଦସ୍ୟ ଜୟନ୍ତ ପାଟିଲ୍ ଓ ଅନ୍ୟ ସଦସ୍ୟମାନେ ଶ୍ରୀ ନଭରେକରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଜି ବିଧାନସଭାର କାର୍ଯ୍ୟ ନବନିର୍ବାଚିତ ସଦସ୍ୟମାନଙ୍କ ଶପଥ ଗ୍ରହଣ ସହିତ ଆରମ୍ଭ ହୋଇଥିଲା। କାମଚଳା ବାଚସ୍ପତି କାଳିଦାସ କୋଲାମ୍ବକର ନବନିର୍ବାଚିତ ସଦସ୍ୟମାନଙ୍କର ଶପଥପାଠ କରାଇଥିଲେ।

## ଝାଡ଼ଖଣ୍ଡ ବିଧାନସଭା

ରାଞ୍ଚିସ୍ଥିତ ଝାଡ଼ଖଣ୍ଡ ବିଧାନସଭାର ଚାରିଦିନିଆ ସ୍ୱତନ୍ତ୍ର ଅଧିବେଶନ ଆଜି ଆରମ୍ଭ ହୋଇଛି। ନବନିର୍ବାଚିତ ବିଧାୟକମାନଙ୍କ ଶପଥ ଗ୍ରହଣ ସମେତ ନୂତନ ବାଚସ୍ପତି ନିର୍ବାଚନ କରିବା ପାଇଁ ଏହି ସ୍ୱତନ୍ତ୍ର ଅଧିବେଶନ ଆଗତ କରାଯାଇଛି। ନବନିର୍ବାଚିତ ସଦସ୍ୟମାନଙ୍କୁ କାମଚଳା ବାଚସ୍ପତି ଷ୍ଟିଫେନ୍ ମାରାଣ୍ଡି ଶପଥପାଠ କରାଉଛନ୍ତି। ଶପଥ ଗ୍ରହଣ କାର୍ଯ୍ୟକ୍ରମ ଆସନ୍ତାକାଲି ଶେଷ ହେବାପରେ ଗୃହରେ ବାଚସ୍ପତି ନିର୍ବାଚନ ହେବ। ଏହାପରେ ହେମନ୍ତ ସୋରେନ୍ ସରକାର ଆସ୍ଥାଭୋଟ ଲୋଡ଼ିବେ। ବୁଧବାର ଦିନ ରାଜ୍ୟପାଳ ସନ୍ତୋଷ କୁମାର ଗଙ୍ଗଓ୍ୱାର୍ ଗୃହକୁ ସମ୍ବୋଧନ କରିବା ପରେ ଚଳିତ ଆର୍ଥିକ ବର୍ଷ ପାଇଁ ଗୃହରେ ଦ୍ୱିତୀୟ ଅତିରିକ୍ତ ବଜେଟ୍ ଉପସ୍ଥାପନ କରାଯିବ।

# ଦିଲ୍ଲୀର ବିଦ୍ୟାଳୟକୁ ବୋମା ବିସ୍ଫୋରଣ ଧମକ

ଜାତୀୟ ରାଜଧାନୀ ଦିଲ୍ଲୀର କେତେକ ବିଦ୍ୟାଳୟକୁ ଇ-ମେଲ୍ ଜରିଆରେ ଆଜି ସକାଳେ ବୋମା ବିସ୍ଫୋରଣ ଧମକ ଦିଆଯାଇଛି। ଦିଲ୍ଲୀ ପୋଲିସ୍‌ର ପ୍ରମୁଖ ଜନସମ୍ପର୍କ ଅଧିକାରୀ ସଞ୍ଜୟ ତ୍ୟାଗୀ କହିଛନ୍ତି ଏହି ଇ-ମେଲ୍ ମିଳିବା ପରେ ପୋଲିସ୍ ଦଳକୁ ସମ୍ପୃକ୍ତ ସ୍କୁଲଗୁଡ଼ିକୁ ପଠାଇ ଦିଆଯାଇଛି। ବିଦ୍ୟାଳୟ ଓ ପିଲାମାନଙ୍କର ନିରାପତ୍ତା ପାଇଁ ସେ ସମସ୍ତଙ୍କୁ ଆଶ୍ୱସ୍ତ କରିଛନ୍ତି। ଇ-ମେଲ୍‌ର ଯାଞ୍ଚ ସହିତ ପୁଲିସ୍ ପକ୍ଷରୁ ସମସ୍ତ ଆବଶ୍ୟକ ସୁରକ୍ଷାମୂଳକ ପଦକ୍ଷେପ ଗ୍ରହଣ କରାଯାଇଥିବା ଶ୍ରୀ ତ୍ୟାଗୀ କହିଛନ୍ତି।

# ଏଫ୍.ଏସ୍. - ଢାକା ଭିଜିଟ୍

ଭାରତ ବାଂଲାଦେଶ ବୈଦେଶିକ କାର୍ଯ୍ୟାଳୟ ପରବର୍ତ୍ତୀ ପର୍ଯ୍ୟାୟ ପରାମର୍ଶ ପ୍ରତିନିଧି ଦଳର ନେତୃତ୍ୱ ନେଇ ବୈଦେଶିକ ସଚିବ ବିକ୍ରମ ମିସ୍ତ୍ରି ବାଂଲାଦେଶରେ ପହଞ୍ଚିଛନ୍ତି। ଭାରତୀୟ ବାୟୁସେନାର ଯୁଦ୍ଧଜାହାଜରେ ସେ ଆଜି ସକାଳ ୮ଟା ୩୦ ମିନିଟ୍‌ରେ ଢାକାରେ ପହଞ୍ଚିଥିଲେ। ତାଙ୍କୁ ବାଂଲାଦେଶ ବୈଦେଶିକ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ଇସରାତ୍ ଜାହାଁ ଓ ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ଉଚ୍ଚାୟୁକ୍ତ ପ୍ରଣୟ ବର୍ମା ସ୍ୱାଗତ କରିଥିଲେ। ବାଂଲାଦେଶରେ ସରକାର ବିରୋଧୀ ବିକ୍ଷୋଭ ଏବଂ ପ୍ରଧାନମନ୍ତ୍ରୀ ଶେଖ୍ ହସିନା କ୍ଷମତାଚ୍ୟୁତ ହେବା ପରେ ନୂଆଦିଲ୍ଲୀର ଏହା ହେଉଛି ପ୍ରଥମ ଉଚ୍ଚସ୍ତରୀୟ ଗସ୍ତ। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର

ଜୟଶ୍ୱାଲ୍ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଶ୍ରୀ ମିସ୍ରି ଢାକାରେ ବୈଦେଶିକ କାର୍ଯ୍ୟାଳୟ ପରାମର୍ଶ ସଂକ୍ରାନ୍ତ ଏକ ବୈଠକରେ ଯୋଗଦେବା ସହିତ ତାଙ୍କ ବାଂଲାଦେଶୀ ପ୍ରତିପକ୍ଷଙ୍କ ସହ ଆଲୋଚନା କରିବେ । ବାଂଲାଦେଶରେ ହିନ୍ଦୁଙ୍କ ସମେତ ସଂଖ୍ୟାଲଘୁଙ୍କ ଉପରେ ଆକ୍ରମଣକୁ ନେଇ ନୂଆଦିଲ୍ଲୀ ଏବଂ ଢାକା ମଧ୍ୟରେ ବୃଦ୍ଧି ପାଉଥିବା ଦୂରତା ପରିପ୍ରେକ୍ଷୀରେ ବୈଦେଶିକ ସଚିବଙ୍କ ଏହି ଗସ୍ତ ଗୁରୁତ୍ୱ ବହନ କରୁଛି ।

## ହକି - ଏସିଆ କପ୍

ମହିଳା ଜୁନିୟର୍ ଏସିଆ ହକି ପ୍ରତିଯୋଗିତାରେ ଆଜି ଗ୍ରୁପ୍ ପର୍ଯ୍ୟାୟର ଦ୍ୱିତୀୟ ମ୍ୟାଚରେ ଭାରତ ମାଲେସିଆକୁ ଭେଟିବ। ଭାରତୀୟ ସମୟ ରାତି ସାଢ଼େ ୮ଟାରେ ଏହି ମ୍ୟାଚ୍ ଖେଳାଯିବ। ଗତରାତିରେ ଓମାନ୍‌ର ମସ୍କଟ୍‌ଠାରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ଭାରତ ବାଂଲାଦେଶକୁ ୧୩-୧ ଗୋଲରେ ପରାସ୍ତ କରିଥିଲା। ଭାରତ ପକ୍ଷରୁ ମମତାଜ୍ ଖାଁ ୪ଟି ଗୋଲ୍ ସ୍କୋର କରିଥିବାବେଳେ କନିକା ସିୱାଚ୍ ଏବଂ ଦୀପିକା ହ୍ୟାଟ୍ରିକ୍ ଅର୍ଜନ କରିଥିଲେ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍** ଆଜି ରାତି ସାଢ଼େ ୯ଟାରେ ପ୍ରସାରିତ ହେବ। ଆଜିର ବିଷୟବସ୍ତୁ ରହିଛି **'ଯକ୍ଷ୍ମାମୁକ୍ତ ଭାରତ'** । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟର ଯକ୍ଷ୍ମାବିଭାଗ

ଉପମହାନିର୍ଦ୍ଦେଶକ ପ୍ରଫେସର ଉର୍ବଶୀ ବି. ସିଂହ ଏବଂ ଏମ୍ସର ପଲ୍ମୋନାରୀ ମେଡିସିନ୍ ବିଭାଗର ପ୍ରଫେସର ଡକ୍ଟର ବିଜୟ ହଡ୍ଡା ଏହି ଆଲୋଚନାରେ ଅଂଶଗ୍ରହଣ କରି ବିଷୟବସ୍ତୁ ସଂକ୍ରାନ୍ତ ଶ୍ରୋତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବେ। ଏଥିପାଇଁ ଶ୍ରୋତାମାନେ ରାତି ସାଢ଼େ ୯ଟା ଠାରୁ ୦୧୧-୨୩୪୨୧୦୫୦ ଓ ୦୧୧-୨୩୩୧୪୪୪୪ ନମ୍ବରକୁ ଡାଏଲ୍ କରି ନିଜ ପ୍ରଶ୍ନ ପଚାରିପାରିବେ। ଏହାବ୍ୟତୀତ ଶ୍ରୋତାମାନେ ୯୨୮୯୦୯୪୦୪୪ ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ Xରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ମଧ୍ୟ ନିଜ ପ୍ରଶ୍ନ ପଚାରିପାରିବେ।

## ବିଶ୍ୱ ସ୍କ୍ୱାସ୍ ଚାମ୍ପିଆନ୍ସିପ୍

ବିଶ୍ୱ ସ୍କ୍ୱାସ୍ ଦଳଗତ ଚାମ୍ପିଆନ୍ସିପ୍-୨୦୨୪ରେ ଭାରତୀୟ ମହିଳା ସ୍କ୍ୱାସ୍ ଦଳ କଲମ୍ବିଆକୁ ୨-୧ରେ ପରାସ୍ତ କରିଛି। ହଂକଂରେ ଖେଳାଯାଉଥିବା ଏହି ଚମ୍ପିଆନ୍ସିପ୍ର ଗ୍ରୁପ୍-'ସି'ର ପ୍ରଥମ ମ୍ୟାଚ୍ରେ ଭାରତୀୟ ମହିଳା ଦଳକୁ ଏହି ସଫଳତା ମିଳିଛି। ଆଜି ଅପରାହ୍ଣରେ ଭାରତୀୟ ମହିଳା ଦଳ ବେଲଜିୟମ୍କୁ ଭେଟିବ। ଏହି ମ୍ୟାଚ୍ ଭାରତୀୟ ସମୟ ଅପରାହ୍ଣ ୩ଟାରେ ଆରମ୍ଭ ହେବ। ଇତିମଧ୍ୟରେ ଗ୍ରୁପ୍-'ଏଫ୍'ରେ ଥିବା ଭାରତୀୟ ପୁରୁଷ ସ୍କ୍ୱାସ୍ ଦଳର ପ୍ରାରମ୍ଭିକ ମ୍ୟାଚ୍ କଲମ୍ବିଆ ସହିତ ଜାରି ରହିଛି। ଗ୍ରୁପ୍-'ଏଫ୍'ରେ ଭାରତ ସହିତ କଲମ୍ବିଆ ଓ ଆର୍ୟଲାଣ୍ଡ ଅଛନ୍ତି। ସେହିଭଳି ଗ୍ରୁପ୍-'ସି'ରେ ଭାରତୀୟ ମହିଳା ସ୍କ୍ୱାସ୍ ଦଳ ସହିତ ଇଟାଲୀ, କଲମ୍ବିଆ ଓ ବେଲଜିୟମ ଅଛନ୍ତି।

## ବିଶ୍ୱ ଚେସ୍ ଚାମ୍ପିଆନ୍ସିପ୍

ସିଙ୍ଗାପୁରରେ ଚାଲିଥିବା ଏଫ୍‌ଆଇଡିଇ ବିଶ୍ୱ ଚେସ୍ ଚାମ୍ପିଆନ୍‌ସିପ୍‌ରେ ଆଜି ଭାରତୀୟ ଗ୍ରାଣ୍ଡମାଷ୍ଟର ଦୋମାରାଜୁ ଗୁକେଶ ଓ ଗତବର୍ଷର ଟାଇଟଲ ବିଜେତା ଚୀନ୍‌ର ଡିଙ୍ଗ୍ ଲିରେନ୍‌ଙ୍କ ମଧ୍ୟରେ ମୁକାବିଲା ହେବ। ଚାମ୍ପିଆନ୍‌ସିପ୍‌ର ଏହି ଦ୍ୱାଦଶ ମ୍ୟାଚ୍ ଭାରତୀୟ ସମୟ ଅପରାହ୍ନ ୨ଟା ୩୦ ମିନିଟ୍‌ରେ ଅନୁଷ୍ଠିତ ହେବ। ୧୮ ବର୍ଷ ବୟସ୍କ ଗୁକେଶ ଏହି ସିରିଜ୍‌ରେ ୬-୫ରେ ଆଗୁଆ ଅଛନ୍ତି। ଏହି ଚାମ୍ପିଆନ୍‌ସିପ୍ ଜିତିଲେ ଓ୍ୱାର୍ଲ୍ଡ ଚେସ୍ ଚାମ୍ପିଆନ୍ ଇତିହାସରେ ସେ ସର୍ବକନିଷ୍ଠ ଗ୍ରାଣ୍ଡମାଷ୍ଟର ହେବେ।